# ଦମ୍ପତିଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ ନାବାଳକକୁ ହତ୍ୟା

**କନ୍ଧମାଳ, ଏକ୍ସପ୍ରେସ୍ ନ୍ୟୁଜ୍:** ପରିବାରର ସହମତିରେ ସ୍ୱାମୀ-ସ୍ତ୍ରୀ ଭଳି ରହୁଥିବା ଦୁଇ ନାବାଳକ ଓ ନାବାଳିକାଙ୍କୁ ଆଜି ଫୁଲବାଣୀ । ଚାଇଲଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇଛି । ଉଭୟଙ୍କୁ ନିଜ ନିଜ ପରିବାରକୁ ହସ୍ତାନ୍ତର କରାଯାଇଛି । ଚାଇଲଡ ଲାଇନ କର୍ମକର୍ତା ଶିବଶଂକର ବେହେରାଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚାଇଲଡ ଲାଇନକୁ ଏ ସଂପର୍କରେ କୌଣସି ସୂତ୍ରରୁ ଖବର ମିଳିଥିଲା । ଅନୁଷ୍ଠାନର କର୍ମକର୍ତା ବିଜୟାନନ୍ଦ ସାହୁ ଓ ସୁପ୍ରଭା ନାୟକଙ୍କ ସମେତ ଫିରିଙ୍ଗିଆ ସିଡିପିଓ ମଂଜୁଳା ପ୍ରଧାନ ଓ ଅନ୍ୟମାନେ ପୁଲିସର ସହଯୋଗରେ ଫିରିଙ୍ଗିଆ ଥାନା ଡିମିରିଗୁଡା ପଂଚାୟତର ଏକ ଗ୍ରାମରେ ଚଢାଉ କରିଥିଲେ । ସେଠାରେ ଏହି ଦୁଇ ଜଣ ସ୍ୱାମୀ ସ୍ତ୍ରୀ ଭାବେ ଚଳୁଥିବା ବେଳେ ସେମାନଙ୍କ ବୟସ ୧୬ ବର୍ଷ ବୋଲି ଜଣାପଡିଛି । ଉଦ୍ଧାରକାରୀ ଟିମ ଦ୍ୱାରା ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ ସମିତି ଆଗରେ ହାଜର କରାଯାଇଥିଲା । ସେମାନଙ୍କୁ ସେଠାରେ କାଉନସେଲିଙ୍ଗ କରାଯିବା ପରେ ଅଭିଭାବକ ମାନଙ୍କଠାରୁ ବାଲ୍ୟ ବିବାହ ନକରାଇବା ପାଇଁ ଲିଖିତ ପ୍ରତିଶୃତି ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା ।

**ଗଞ୍ଜାମ, ଏକ୍ସପ୍ରେସ୍ ନ୍ୟୁଜ୍:** ଛତ୍ରପୁର ଥାନା ବ୍ରାହ୍ମଣିପଲ୍ଲୀ ଗ୍ରାମ ନିକଟସ୍ଥ ଏକ କିଆବୁଦାରୁ ବ୍ରହ୍ମପୁର ସଦର ଥାନା ପୁଲସ ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମର ୧୩ ବର୍ଷର ନାବାଳକ ଭିକୁ ସେଠୀର ଶବକୁ ଛତ୍ରପୁର ପୁଲିସ ଉଦ୍ଧାର କରିଛି । ଭିକୁର ବାପା କୁନୁ ସେଠୀ ଭିକୁକୁ ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି । ଗତ ୬ ତାରିଖରେ ଭିକୁକୁ ନିଜ ଗ୍ରାମରୁ ତାଙ୍କ ସମ୍ପର୍କୀୟ ଭଣଜା ବ୍ରାହ୍ମଣିଆପଲ୍ଲୀର ଲିଙ୍ଗରାଜ ସେଠୀ ( ୨୩) ତାକୁ ନେଇଯାଇଥିଲେ । ଏ ସଂକ୍ରାନ୍ତରେ ନିମଖଣ୍ଡି ଫାଣ୍ଡିରେ ଅଭିଯୋଗ ହୋଇଛି । ତେବେ ଗତ କାଲି ସଦର ପୁଲିସର ଏକ ଟିମ୍ ଗୁରୁଣ୍ଡି ଗ୍ରାମକୁ ଯାଇ ଅନୁସନ୍ଧାନ ଚଳାଇଥିବା ବେଳେ ବ୍ରାହ୍ମଣିଆପଲ୍ଲୀ ଯାଇ ଲିଙ୍ଗରାଜର ବାପାକୁ ଆଣି ଥାନାରେ ରଖି ପଚରା ଉଚୁରା କରୁଛି ।

ବଲାଙ୍ଗିରରେ କୁଡ୍ ବିହାର ଟ୍ରଫି : ଓଡିଶାର ବିଜୟ

ପୃଷ୍ଠା ୩

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୩-୧୨-୨୦୧୮ ଗୁରୁବାର

# ଭତ୍ତା ପାଇଁ ବିଡିଓଙ୍କୁ ଘେରିଲେ ହିତାଧିକାରୀ

**ପିପିଲି, ଏକ୍ସପ୍ରେସ୍ ନ୍ୟୁଜ୍:** ବୟସ ୬୦ ଟପିଲା । ଭତ୍ତା ପାଇଁ ଆଶା କରି ସରକାରଙ୍କ ମଧୁବାବୁ ପେନସନ୍ ଯୋଜନାରେ ଆବେଦନ କଲୁ । ହେଲେ ଦିନ ପରେ ଦିନ ଗଡି ଚାଲିଲା । ଦିନେ କି ଦୁଇ ଦିନ ନୁହେଁ ଦୀର୍ଘ ଦିନ ହେଲାଣି ଆମକୁ ଦଉଡଉଛନ୍ତି ସରକାରୀ ବାବୁମାନେ । ଆମେ ଚାଷି ମୁଲିଆ ଲୋକ କେତେ ଦିନ ଦଉଡିବୁ । ଭତ୍ତା ଦେଲେ ଉଠିବୁ ନଚେତ ଆମେ ଏଇଠି ବସି ରହିବୁ । ଏଭଳି ଦୁଖଃ ଦାୟକ ଘଟଣା ଦେଖିବାକୁ ମିଳିଛି ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ । ହକ୍ ପାଇଁ ବିଡିଓଙ୍କ ଅଫିସ ସମ୍ମୁଖରେ ବସି ରହିଥିଲେ ୪୫ ହିତାଧିକାରୀ । ପୂର୍ବାହ୍ନ ସମୟରେ ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଭତ୍ତା ହିତାଧିକାରୀମାନେ ପିପିଲି ବିଡିଓଙ୍କ ଅଫିସ ସମ୍ମୁଖରେ ବସି ସେମାନଙ୍କ ଦାବି ରଖିଥିଲେ । ତେବେ ଉକ୍ତ ପଞ୍ଚାୟତର ସରପଞ୍ଚ ଶୁବାଶିଷ ରଥ ଏନେଇ ବିଡିଓଙ୍କୁ ଅବଗତ କରିବାରେ ବିଡିଓ ଶ୍ୟାମ ସୁନ୍ଦର ଟୁଡୁ ପ୍ରତିଶୃତି ଦେଇଥିଲେ ଯେ ଖୁବ ଶିଘ୍ର ଏହି ପଞ୍ଚାୟତର ହିତାଧିକାରୀମାନଙ୍କୁ ଭତ୍ତା ଦିଆଯାଇ ସମସ୍ୟାର ସମାଧାନ କରାଯିବ । ପ୍ରତିଶୃତି ପାଇବା ପରେ ହିତାଧିକାରୀମାନେ ସେଠାରୁ

ଫେରିଥିଲେ । ସୂଚନା ମୁତବାକ ଲକ୍ଷ୍ମୀନାରାୟଣପୁର ହିତାଧିକାରୀମାନେ ସରପଞ୍ଚ ଶୁବାଶିଷଙ୍କୁ ମଧୁବାବୁ ପେନସନରେ ଅନ୍ତର୍ଭୂକ୍ତ କରିବା ପାଇଁ ୨୦୧୬ ମସିହାରେ ଆବେଦନ କରିଥିଲେ । ଆବେଦନ ଅନୁଯାୟି ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ତାଲିକା ପ୍ରସ୍ତୁତ ହୋଇଥିବାର ସରପଞ୍ଚ ଶୁବାଶିଷ ରଥ ଅଭିଯୋଗ କରିଛନ୍ତି । ଏନେଇ ସରପଞ୍ଚମାନ୍ୟବାର ମାନବଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ । କେସ ନଂ- ୪୨୬୪/୨୦୧୬ ରେ ଜିଲ୍ଲାପାଳଙ୍କୁ ତଦନ୍ତ କରି ଯୋଗ୍ୟ ହିତାଧରକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଚିଠି ଦିଆଯାଇଛି । କିନ୍ତୁ ଦୁଖଃର ବିଷୟ ଉକ୍ତ ଦରଖାସ୍ତରେ ସଂଲଗ୍ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ବର୍ତ୍ତମାନ ପଞ୍ଚାୟତ ଟାର୍ଗେଟ ତାଲିକାରେ ଉଦ୍ଧେଶ୍ୟ ମୂଳକ ଭାବେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ପଞ୍ଚାୟତ ତରଫରୁ ତିନି ଥର ବିଡିଓଙ୍କୁ ହିତାଧିକାରୀଙ୍କ ତାଲିକା ଏବଂ ଚିଠି ନଂ ଏଲଜିପି-୬୩ ଓ ଏଲଜିପି-୭୮ ଦେଇଥିଲେ ମଧ୍ୟ ବ୍ଲକ ଦଳିୟ ଭିତ୍ତିରେ ହିତାଧିକାରୀଙ୍କୁ ଚୟନ କରାଯାଇଛି । ଯେଉଁ ଚୟନ ପ୍ରକ୍ରିୟାରେ ଜନ ପ୍ରତିନିଧି ହିସାବରେ ସରପଞ୍ଚ ଓ ଗ୍ରାମସଭା ବୈଠକ ମାଧ୍ୟମରେ ହବା କଥା ତାହା ନକରାଯାଇ ଉଦ୍ଦେଶ୍ୟ ମୂଳକ ଭାବେ ଧନୀ ଶ୍ରେଣିର ଲୋକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସରପଞ୍ଚ ଶୁବାଶିଷ ରଥ ଅଭିଯୋଗରେ ଦର୍ଶାଇଛନ୍ତି । ତେବେ ଅଭିଯୋଗ ଅନୁଯାୟି ପିପିଲି ବିଡିଓ ଟୁଡୁ ପ୍ରକୃତ ହିତାଧିକାରୀଙ୍କୁ ଖୁବ ଶୀଘ୍ର ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ଧନୀ ଶ୍ରେଣିର ଲୋକମାନଙ୍କୁ ଏଥିରୁ ବାଦ ଦିଆଯିବ ବୋଲି କହିଛନ୍ତି ।

# ବିଦ୍ୟୁତ କାଟ୍ ପ୍ରତିବାଦରେ ବକ୍ଷୋଭ

**ବ୍ରହ୍ମପୁର, ଏକ୍ସପ୍ରେସ୍ ନ୍ୟୁଜ୍:** ସାଉଥ୍ କୋ ଜନସାଧାରଣଙ୍କୁ ଭୂଆଁବୁଲାଉଛି । କୌଣସି ସ୍ପଷ୍ଟ କାରଣ ନ ଦର୍ଶାଇ ମନଇଚ୍ଛା ବିଦ୍ୟୁତ କାଟ୍ କରୁଛି ବୋଲି ସିପିଆଇ(ଏମ)ର ଆଞ୍ଚଳିକ କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା କହିଛନ୍ତି । ଅଘୋଷିତ ବିଦ୍ୟୁତ କାଟ୍ ବନ୍ଦ କରିବା ଦାବିନେଇ ସିପିଆଇ(ଏମ) ପକ୍ଷରୁ ବୁଧବାର ସାଉଥ୍ କୋ କର୍ପୋରେଟ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗତ କିଛିଦିନ ଧରି ସକାଳ ଓ ସନ୍ଧ୍ୟାରେ ଘଣ୍ଟାଏ ଲେଖାଏଁ ବିଦ୍ୟୁତ କାଟ୍ ହେଉଛି । ଯାହାକି ସାଉଥ୍ କୋ କାଳ କ୍ଷେପଣ ନିତି ଅବଲମ୍ବନ କରୁଥିବା ସହଜରେ ଅନୁମେୟ ହେଉଛି ବୋଲି ମଞ୍ଚମାନେ କହିଥିଲେ । ଶୀତଦିନେ ବିଦ୍ୟୁତ କାଟ୍ର ଅସଲ ରହସ୍ୟ କଣ ରହିଛି ତାହା ଶକ୍ତି ବିଭାଗ ପ୍ରକାଶ କରିବା ଦରକାର ଏଭଳି ପଦକ୍ଷେପ ଲୋକଙ୍କୁ ଅନ୍ଧକାରରେ ରଖିବା ନା ବିଭାଗର ବିଫଳତାକୁ ଘୋଡାଇବା ପାଇଁ ଏକ ପ୍ରୟାସ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଉପଭୋକ୍ତାମାନଙ୍କ ଠାରୁ ବଦ୍ୟୁତ୍ ବିଭାଗ ମନଇଚ୍ଛା ଟିକସ ଆଦାୟ କରୁଥିବା ବେଳେ ସେମାନଙ୍କୁ ଉତ୍ତମ ସେବା ଦେବାପାଇଁ ଦାବି କରାଯାଇଛି । ବିଦ୍ୟୁତ୍ କାଟ୍ ବନ୍ଦ କରାନଗଲେ ଦଳ ପକ୍ଷରୁ ଆଗାମି ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ ଚେତାବନି ଦିଆଯାଇଛି । ବିକ୍ଷୋଭ ପ୍ରଦର୍ଶନ ବେଳେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ(ଏମ)ର ସମ୍ପାଦକ ମଣ୍ଡଳି ସଭ୍ୟ ବସନ୍ତ ନନ୍ଦ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ପଞ୍ଚାନନ ଜେନା, ହରି ନାହାକ, ବାବୁଲି ନାୟକ, କେଶି ମିଶ୍ର, ମାଧବ କୋଠିଆ, ଲୋକନାଥ ରଥ, ବିଦ୍ୟାଧର ଜେନା, ଚିଟି ବାବୁଙ୍କ ସମେତ ବହୁ ଦଳିୟ କର୍ମୀ ଯୋଗଦେଇଥିଲେ ।

# ଅବସରପ୍ରାପ୍ତ ଯବାନଙ୍କୁ ଆକ୍ରମଣ

**ଢେଙ୍କାନାଳ, ଏକ୍ସପ୍ରେସ୍ ନ୍ୟୁଜ୍:** ରାସ୍ତାରେ ଜଣେ ଅବସରପ୍ରାପ୍ତ ଜବାନଙ୍କୁ ଲୁଟେରାମାନେ ଲୁଟ ପାଇଁ ଉଦ୍ୟମ କରିବାକୁ ଯାଇ ତୀବ୍ର ଲଢେଇର ସମ୍ମୁଖୀନ ହୋଇଛନ୍ତି । ପିସ୍ତଲ ଓ ଭୂଜାଲି ଆଦି ଧରି ଦୁଇଜଣ ଲୁଟେରା ଏହି ଲୁଟ ଉଦ୍ୟମ କରିଥିଲେ ମଧ୍ୟ ଏହି ଅବସରପ୍ରାପ୍ତ ଜବାନଙ୍କ ଦୁଃସାହସିକ ଲଢେଇ ଯୋଗୁଁ ଲୁଟେରାଙ୍କ ଏହି ଲୁଟ ଉଦ୍ୟମ ବିଫଳ ହୋଇଛି । ତେବେ ଲୁଟେରାଙ୍କ ଆକ୍ରମଣରେ ଏହି ଅବସରପ୍ରାପ୍ତ ଜବାନ ଜଣଙ୍କ ଆହାତ ହୋଇଥିବା ଜଣାପଡିଛି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ୫୩ ନଂ ଜାତୀୟ ରାଜପଥର ଶିଆରିମାଳିଆ କେନାଲ ନିକଟରେ ସ୍ୱଷ୍ଟ ଦିବା ଲୋକରେ ଆଜି ଏପରି ଲଢେଇ ଘଟଣାକୁ ନେଇ କାମାକ୍ଷାନଗରରେ ଏହି ଅବସରପ୍ରାପ୍ତ ଜବାନଙ୍କ ସାହକୁ ସାବସୀ ଦେଉଛନ୍ତି । ମିଳିଥିବା ସୂଚନା ମୁତାବକ, କାମାକ୍ଷାନଗରର ଅଶ୍ୱିନୀ ମହାପାତ୍ର(୫୨) ନାମକ ଜଣେ ଅବସରପ୍ରାପ୍ତ ସମାରିକ ଜବାନ ମୁକ୍ତାପଶି ଷ୍ଟେଟ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରକୁ ଚଳାଉଛନ୍ତି । ସବୁଦିନ ପରି ମଙ୍ଗଳବାର ଅଶ୍ୱିନୀ ମୁକ୍ତପଶିରୁ ଗ୍ରାହକ ସେବାକେନ୍ଦ୍ର କାମ ସାରି ଅପରାହ୍ନ ସାଢେ ଗୋଟାଏ ସମୟରେ କାମାକ୍ଷାନଗର ସ୍ଥିତ ନିଜ ବାସଭବନକୁ ଯାଉଥିଲେ । ଦୁଇ ଜଣ ଅଜଣା ଯୁବକ ଏକ ବାଇକ୍‌ରେ ଅଶ୍ୱିନୀଙ୍କୁ ପିଛାକରି କେନାଲ ନିକଟରେ ତାଙ୍କ ବାଇକ ସମ୍ମୁଖକୁ ଆସି ବନ୍ଧୁକ ଦେଖାଇଥିଲେ । କୌଶଳ କରି ଅଶ୍ୱିନୀ ବାଇକ୍‌ରେ ଖସି ପଳେଇ ଆସିଥିଲେ । ବାଇକ୍ ପଛରେ ବସିଥିବା ଦୁର୍ବୃତ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲା । ମାତ୍ର ଦୁର୍ବୃତମାନେ ବିଫଳ ହୋଇଥଲେ । ସେଠାରୁ ଖସିଆସି ଅଶ୍ୱିନୀ ରାସ୍ତା କଡରେ ଥିବା ଏକ ଦୋକାନ ନିକଟରେ ଛିଡା ହୋଇଥିବା ବେଳେ ତାଙ୍କ ପିଛା କରିଥିବା ଏହି ଦୁର୍ବୃତ ଦୁଇଜଣ ଏକ ମାଂସ କଟା ଚାପଡରେ ତାଙ୍କ ଉପରେ ପୁନଃ ଆକ୍ରମଣ କରିଥିଲେ । ପ୍ରାୟ ୧୦ ମିନିଟ୍ କାଳ ମୁରେ ଲଢେଇ ହୋଇଥିଲା । ଶେଷରେ ଅଶ୍ୱିନୀ ଦୁର୍ବୃତ ମାନଙ୍କ ଉପରକୁ ପଥର ମାରିଥିଲେ । ଫଳରେ ଦୁର୍ବୃତ ମାନେ ସ୍ଥାନ ଛାଡି ପଳେଇ ଯାଇଥିଲେ । ମାତ୍ର ଅଶ୍ୱନୀଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା । ପ୍ରଚୁର ରକ୍ତସ୍ରାବ ହେବାରୁ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ବୋଲେରୋ ଯୋଗେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ଜଣାପଡିଛି । ପରେ ଏ ସଂପର୍କରେ ସୂଚନା ପାଇ କାମାକ୍ଷାନଗର ପୁଲିସ ତଦାଘନା ଆରମ୍ଭ କରିଛି ।

# ରୋଷେଇ କରୁଥିବା ବେଳେ ଶାଢୀରେ ଲାଗିଲା ନିଆଁ: ମହିଳା ମୃତ

**ବ୍ରହ୍ମପୁର, ଏକ୍ସପ୍ରେସ୍ ନ୍ୟୁଜ୍:** ନିଆଁରେ ପୋଡ଼ି ହୋଇ ଅର୍ଦ୍ଧଦଗ୍ଧ ହୋଇଥିବା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜିରେ ମୃତ୍ୟୁ ଘଟିଛି । ସେ ହେଉଛନ୍ତି ଟିକିରି ବେହେରାଙ୍କ ପତ୍ନୀ ବିନୁ ବେହେରା(୩୨) ଏବଂ ତାଙ୍କ ଘର ପୁରୁଷୋତ୍ତମପୁର ଥାନା ବେଢ କରଞ୍ଜରା ଅଞ୍ଚଳରେ ବୋଲି ଜଣାପଡିଛି । ବିଏନ୍‌ପୁର ପୋଲିସ ଶବ ଜବତ କରି ୬୧୬/୧୮ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମିଳିଥିବା ସୂଚନାନୁଯାୟୀ,ବିନୁଙ୍କ ଅପସ୍ମାର ବେମାର ଥିଲା । ତେବେ ବୁଧବାର ଅପରାହ୍ନ ୫ଟା ବେଳେ ସେ ରୋଷେଇ କରୁଥିବା ବେଳେ ଆକସ୍ମିକ ଭାବେ ନିଆଁ ଶାଢୀରେ ଲାଗିଯାଇଥିଲା । ଫଳରେ ସେ ଗୁରୁତର ହୋଇ ଚିତ୍କାର କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଙ୍ଗଳବାର ତାଙ୍କୁ ମେକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ସିନେମା ଫିନେମା ଟିଭି ଫିବି

ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ୬୮ତମ ଜନ୍ମଦିନ। ୨.୦ରୁ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ନୂଆ ଏକ ସ୍ଥାନରେ ପହଞ୍ଚଇଥିବା ଦ ଥାଲାଇଭା ରଜନୀକାନ୍ତ ଫିଲ୍ମରେ ଭୂମିକା ବ୍ୟତୀତ ଲୋକଙ୍କ ହୃଦୟରେ ମଧ୍ୟ ରାଜ୍ କରନ୍ତି। ଏବର୍ଷ ତାଙ୍କ ଜନ୍ମଦିନ ଏଥିପାଇଁ ଖାସ୍ କାହିଁକିନା ତାଙ୍କ ଫିଲ୍ମ ୨.୦ ସବୁଠାରୁ ମହଙ୍ଗା ଫିଲ୍ମ ବକ୍ସ ଅଫିସରେ ଧମାକା କରୁଛି। ରଜନୀକାନ୍ତଙ୍କ ଫ୍ୟାନ୍ସ ତାଙ୍କୁ ଭଗବାନ ମାନନ୍ତି। କିନ୍ତୁ ଏପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାଙ୍କୁ ବହୁତ ସଂଘର୍ଷ କରିବାକୁ ପଡିଛି। ରଜନୀକାନ୍ତଙ୍କ ଅସଲି ନାମ ଶିବାଜୀ ରାଓ ଗାୟକାଡ। ତାମିଲ ଓ ହିନ୍ଦୀ ଫିଲ୍ମରେ ଦମଦାର ଅଭିନୟ କରି ରଜନୀକାନ୍ତ କୋଟି କୋଟି ପ୍ରଶଂସକ କରିଛନ୍ତି। ତାଙ୍କ ଜନ୍ମ ୧୨ ଡିସେମ୍ବର ୧୯୫୦ରେ ବାଙ୍ଗାଲୁରୁରେ ହୋଇଥିଲା। ସେ ବର୍ଷ ୧୯୭୫ରେ ଫିଲ୍ମ ଅପୂର୍ବ ରାଙ୍ଗଗଲରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନ୍ଧା କାନୁନ, ଇଂସାଫ କୌନ କରେଗା, କବାଲୀ ଓ ଶିବାଜୀ ଦ ବସ୍ ଭଳି ଅନେକ ଦମଦାର ଫିଲ୍ମରେ ମୁଖ୍ୟ ଭୂମିକାରେ ରହିଥିଲେ।



# ସାଜିଦ ଖାନ୍‌ଙ୍କୁ ୧ବର୍ଷ ପାଇଁ ଆଇଏଫ୍‌ଟିଡିଏରୁ ନିଲମ୍ବନ

ମି ଟୁ ବିବାଦରେ ଫସିଥିବା ନିର୍ଦ୍ଦେଶକ ସାଜିଦ୍ ଖାନ୍‌ଙ୍କୁ ଇଣ୍ଡିଆନ୍ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଡିରେକ୍ଟରସ୍ ଆସୋସିଏସନ୍ (ଆଇଏଫ୍‌ଟିଡିଏ)ଏକ ବର୍ଷ ଲାଗି ନିଲମ୍ବନ କରିଥିବା ଜଣାଯାଇଛିଫ ଅଭିନେତ୍ରୀ ରାଚେଲ୍ ହ୍ୱାଇଟ୍, ସହ ନିର୍ଦ୍ଦେଶକ ସଲୋନି ଚୋପ୍ରା ଏବଂ ସାମ୍ବାଦିକା କରିସ୍ମା ଉପାଧ୍ୟାୟ ସାଜିଦ୍ ଖାନ୍‌ଙ୍କ ବିରୋଧରେ ଅସଦାଚରଣର ଅଭିଯୋଗ ଆଣିବାପରେ ଏଭଳି ପଦକ୍ଷେପ ଗ୍ରହଣ କରିଛି ଆଇଏଫଟିଡିଏ। ସଂଘ ପକ୍ଷରୁ କୁହାଯାଇଛି ଯେ ସାଜିଦଙ୍କୁ ତାଙ୍କ ପକ୍ଷ ରଖିବାଲାଗି କୁହାଯାଇଥିଲା, ହେଲେ ସେ କୌଣସି ଜବାବ୍ ଦେଇ ନଥିଲେ। ମି ଟୁ ଅଭିଯାନ ସକ୍ରିୟ ହେବା ପରେ ନିର୍ଦ୍ଦେଶକ ସାଜିଦ୍ ଖାନଙ୍କୁ ହାଉସଫୁଲ୍-୪ରୁ ବିଦା ହେବାକୁ ପଡିଥିଲା। ଆଗରୁ ନିର୍ଦ୍ଦେଶକ ସାଜିଦ୍ ଖାନଙ୍କୁ ଦ ଫେଡେରସନ୍ ଅଫ୍ ଷ୍ଟେର୍ଣ୍ଟ ଇଣ୍ଡିଆ ସିନେ ଏମ୍ପଲଇଜ୍ (ଏଫ୍‌ଡବ୍ଲ୍ୟୁଆଇସିଆଇ)କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଆଲୋକନାଥ ଓ ସାଜିଦ୍ ଖାନ୍‌ଙ୍କ ଉପରେ ଶୋଷଣର ଅଭିଯୋଗ ରହିଛି। ଏଫ୍‌ଡବ୍ଲ୍ୟୁଆଇସିଆଇ ପକ୍ଷରୁ କୁହାଯାଇଛି ଯେ, ଭାରତୀୟ ଫିଲ୍ମ ଏବଂ ଟେଲିଭିଜନ୍ ନିର୍ଦ୍ଦେଶିତ ସଂଘ (ଆଇଏଫଟିଡିଏ)କୁ ଆଲୋକନାଥ ଯେଉଁ ଉତ୍ତର ଦେଇଛନ୍ତି, ତାହା ସନ୍ତୋଷଜନକ ନୁହେଁ, ଆଇଏଫ୍‌ଟିଡିଏ ପକ୍ଷରୁ ଯୌନ ଶୋଷଣ ମାମଲାରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଆଇଏଫ୍‌ଟିଡିଏର ସଦସ୍ୟ ଏଫ୍‌ଡବ୍ଲ୍ୟୁଆଇସିଆଇର ବରିଷ୍ଠ ଅଧିକାରୀମାନଙ୍କ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି।

# ଶିଖ୍ ଧର୍ମ ଅନୁସାରେ ବିବାହ କରିବେ କପିଲ୍

ଲୋକପ୍ରିୟ କମେଡିଆନ୍ କପିଲ୍ ଶର୍ମା ତାଙ୍କ ଗାର୍ଲଫ୍ରେଣ୍ଡ୍ ତଥା କଲେଜ୍ ବେଳର ସାଥୀ ଗିତ୍ତୀ ଚତରଥଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ବାହାଘରର ସମସ୍ତ ବିଧି ମଧ୍ୟ ଆରମ୍ଭ ହୋଇ ସାରିଛି। ସବୁ ଅତିଥି ମଧ୍ୟ ଆସି ସାରିଛନ୍ତି। କେବଳ ଏତିକି ନୁହେଁ, କପିଲ୍‌ଙ୍କର ଫଟୋ ମଧ୍ୟ ସୋସାଲ୍ ମିଡିଆରେ ଭାଇରାଲ୍ ହେଉଛି। ଆଜିର ବିବାହ ଉତ୍ସବରେ ସାମିଲ୍ ହେବା ପାଇଁ ଅତିଥିମାନଙ୍କ ମଧ୍ୟରେ କୃଷ୍ଣା ଅଭିଷେକ, ସୁମୋନା ଚକ୍ରବର୍ତ୍ତୀ, ରାଜୀବ ଠାକୁର  ରହିଛନ୍ତି। ଏସହିତ କମେଡି ନାଇଟସି ଇଥ୍ କପିଲ୍ ପୂରା ଟିମ୍ ମଧ୍ୟ ବିବାହ ପୂର୍ବରୁ କପିଲ୍‌ଙ୍କ ସହିତ ରହିଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, କପିଲ୍ ଶର୍ମା ଦୁଇଟି ରୀତିରେ ବିବାହ କରିବେ। ହିନ୍ଦୁ ରୀତିନୀତି ଅନୁସାରେ ଏବଂ ଗୁରୁବାର ଶିଖ୍ ଧର୍ମ ଅନୁସାରେ ବିବାହ କରିବେ। କପିଲ୍ ଶର୍ମା ଓ ଗିତ୍ତୀ ପଞ୍ଜାବର ଜଳନ୍ଧରରେ ବିବାହ କରିବେ। ଜଳନ୍ଧର ଗିତ୍ତୀଙ୍କର ହୋମ୍‌ଟାଉନ୍ ହୋଇଥିବାକୁ ଦୁହେଁ ସେଠାରେ ହିଁ ବିବାହ କରିବେ। ବିବାହ ପରେ କପିଲ୍ ୧୪ ଡିସେମ୍ବରରେ ଏକ ରିସେପସନ୍ ପାର୍ଟିର ଆୟୋଜନ କରିଛନ୍ତି। ଏଥିରେ ତାଙ୍କର କିଛି ନିକଟତମ ବନ୍ଧୁ ଓ ସମ୍ପର୍କୀୟ ଆସିବେ। ଏହାପରେ ସେ ୨୪ ଡିସେମ୍ବରରେ ମୁମ୍ବାଇରେ ଏକ ଗ୍ରାଣ୍ଡ୍ ପାର୍ଟିର ଆୟୋଜନ କରିଛନ୍ତି। ଯେଉଁଥିରେ ବଲିଉଡ୍ କଳାକାରଙ୍କୁ ଦେଖିବାକୁ ମିଳିବ।